# ଭାରତରେ ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଯକ୍ଷ୍ମାର ପ୍ରାଦୁର୍ଭାବ

## ମୌଳିକ ଦୃଷ୍ଟିକୋଣ

---

## ପରିଚୟ

ଭାରତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ଯକ୍ଷ୍ମା ଅନ୍ୟତମ । ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ଅସୁସ୍ଥତା, ବର୍ଦ୍ଧିତ ମୃତ୍ୟୁହାର, ଚିହ୍ନଟ ନ ହୋଇଥିବା ଯକ୍ଷ୍ମା ଏବଂ ଚିକିତ୍ସାର ପ୍ରତିକୂଳ ପରିଣାମ ଯୋଗୁଁ ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନେ ଯକ୍ଷ୍ମା ରୋଗ ଦ୍ୱାରା ସହଜରେ ଆକ୍ରାନ୍ତ ହୋଇଥାନ୍ତି । ବୃଦ୍ଧ ବୃଦ୍ଧା  ବ୍ୟକ୍ତିମାନେ ଅଣସଂକ୍ରମଣ ଜନିତ ରୋଗ ଦ୍ୱାରା ମଧ୍ୟ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଅଟେ ।

ରିଚ୍, ୟୁଏସ୍ ଏଡ୍‌ର ସହଯୋଗରେ ୨୦୨୨-୨୩ ମସିହାରେ ବୟୋଜ୍ୟେଷ୍ଠ ଲୋକମାନଙ୍କ ମଧ୍ୟରେ ଯକ୍ଷ୍ମା ଉପରେ ପ୍ରଥମ ଜାତୀୟ ସ୍ତରୀୟ ଦ୍ରୁତ ମୂଲ୍ୟାଙ୍କନ କରିଥିଲା । ବୃଦ୍ଧ ବୃଦ୍ଧା ଲୋକମାନଙ୍କ ମଧ୍ୟରେ ଯକ୍ଷ୍ମା ଉପରେ ସେମାନଙ୍କର ଅନନ୍ୟ ଶାରୀରିକ, ସାମାଜିକ ଏବଂ ଭାବନାତ୍ମକ ଆବଶ୍ୟକତାର ଉତ୍ତର ଦେବା ପାଇଁ ସ୍ପଷ୍ଟ ରଣନୀତିରେ ପହଞ୍ଚିବା ବୁଝାମଣାକୁ ସୁଦୃଢ଼ କରିବା ପାଇଁ ପ୍ରମାଣ ଆଧାର ଗଠନ କରିବାକୁ ମୂଲ୍ୟାଙ୍କନ କରାଯାଇଥିଲା । ଦ୍ରୁତ ମୂଲ୍ୟାୟନ ମଧ୍ୟ ଜ୍ଞାନ ଏବଂ ଯତ୍ନ ବିତରଣ ପ୍ରଣାଳୀରେ ଥିବା ପାର୍ଥକ୍ୟ ଗୁଡ଼ିକର ସମାଧାନ ପାଇଁ ମୁଖ୍ୟ ସୁପାରିଶ ଗୁଡ଼ିକର ପ୍ରସ୍ତାବ ଦିଆଯାଇଥିଲା ।

ଏହି ସଂକ୍ଷିପ୍ତ ବିବରଣୀ ପାଠକମାନଙ୍କୁ ଭାରତରେ ବୃଦ୍ଧ ଓ ବୃଦ୍ଧା ମାନଙ୍କ ଉପରେ ଯକ୍ଷ୍ମାର ବ୍ୟାପକ ପ୍ରଭାବକୁ ଜାଣିବାରେ ସାହାଯ୍ୟ କରିବା ପାଇଁ ପ୍ରକାଶ କରାଯାଉଅଛି ଏବଂ ଏଥିରେ ଯକ୍ଷ୍ମା ଉପରେ ଦ୍ରୁତ ମୂଲ୍ୟାୟନ ପ୍ରସ୍ତୁତ ମୁଖ୍ୟ ଅନୁସନ୍ଧାନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

### କେଉଁମାନେ ବୟୋଜ୍ୟେଷ୍ଠ ଅଟନ୍ତି ?

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁ.ଏଚ.ଓ) ୬୫ ବର୍ଷରୁ ଅଧିକ ବୟସର ଜନସଂଖ୍ୟାକୁ ବୟୋଜ୍ୟେଷ୍ଠ ବୋଲି ବିବେଚନା କରେ, ଯେତେବେଳେ କି ଭାରତ ସରକାରଙ୍କର ନୀତି ଦଲିଲ ୬୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ବୃଦ୍ଧ ବୋଲି ଦର୍ଶାଏ ।



## ଭାରତରେ ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଯକ୍ଷ୍ମାର ପ୍ରାଦୁର୍ଭାବ

ଭାରତରେ ୬୦ ବର୍ଷରୁ ଅଧିକ ବୟସର ୧୦୪ ନିୟୁତ ଲୋକ ଅଛନ୍ତି । ଅର୍ଥାତ୍ ମୋଟ ଜନସଂଖ୍ୟାର ୮.୬% (ଜନଗଣନା ୨୦୧୧) । ଏହା ୨୦୨୬[୧] ପର୍ଯ୍ୟନ୍ତ ସମୁଦାୟ ଜନସଂଖ୍ୟାର ୧୨.୬% ହେବ ବୋଲି ଆକଳନ କରାଯାଇଛି । ଜାତୀୟ ଯକ୍ଷ୍ମା ପ୍ରସାର ସର୍ବେକ୍ଷଣ, ୨୦୧୯-୨୧ ରେ ୫୫ ବର୍ଷ ବୟସର ବ୍ୟକ୍ତିମାନଙ୍କ ମଧ୍ୟରେ ଯକ୍ଷ୍ମାର ବ୍ୟାପକତା ୫୮୮ ବୋଲି କୁହାଯାଇଅଛି, ଯାହା ୩୧୬[୨] ଭାରତ ଯକ୍ଷ୍ମା ରିପୋର୍ଟ ୨୦୨୩ର ଜାତୀୟ ପ୍ରାଦୁର୍ଭାବ ଠାରୁ ଯଥେଷ୍ଟ ଅଧିକ ଅଟେ । ଭାରତ ଯକ୍ଷ୍ମା ରିପୋର୍ଟ ୨୦୨୩ ପ୍ରକାଶ କରେ ଯେ ୨୦୨୨ ମସିହାରେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିବା ଲୋକଙ୍କ ମଧ୍ୟରେ ୨୩.୬% ଲୋକ ୫୫ ବର୍ଷରୁ ଅଧିକ ବୟସର ଥିଲେ ।[୩]


### ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକମାନେ




ଉତ୍ସ: ଜନଗଣନା ୨୦୧୧




*୨୦୨୬ ପାଇଁ ଆକଳନ




ଉତ୍ସ: ଜାତୀୟ ଯକ୍ଷ୍ମା ପ୍ରାଦୁର୍ଭାବ ସଂରକ୍ଷଣ, ୨୦୧୯-୨୧




ଉତ୍ସ: ଭାରତ ଯକ୍ଷ୍ମା ରିପୋର୍ଟ ୨୦୨୩

---

*୧. ଭାରତ ସରକାର ୨୦୧୬, ଭାରତରେ ବୟୋଜ୍ୟେଷ୍ଠ ନୂଆଦିଲ୍ଲୀ । କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପରିସଂଖ୍ୟାନ ମନ୍ତ୍ରଣାଳୟ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ, ଭାରତ ସରକାର*

*୨. ଭାରତରେ ଜାତୀୟ ଯକ୍ଷ୍ମା ପ୍ରାଦୁର୍ଭାବ ସର୍ବେକ୍ଷଣ (୨୦୧୩-୨୧) ଅନ୍‌ଲାଇନ୍ ଉପଲବ୍ଧ: https://tbcindia.gov.in/showfile.php?lid=3659 (୨୦ ଅଗଷ୍ଟ ୨୦୨୨ରେ ଉପଲବ୍ଧ ହେଲା)*

*୩. ଭାରତ ଯକ୍ଷ୍ମା ରିପୋର୍ଟ ୨୦୨୩ ଉପଲବ୍ଧ ହୁଏ : https://tbcindia.gov.in/showfile.php?lid=3680 (୩୧ ମାର୍ଚ୍ଚ ୨୦୨୩ ରେ ଉପଲବ୍ଧ ହେଲା)*

## ବାର୍ଦ୍ଧକ୍ୟ ଅବସ୍ଥାରେ ଥିବା ଲୋକମାନେ ଯକ୍ଷ୍ମା ରୋଗ ପାଇଁ କାହିଁକି ସମ୍ବେଦନଶୀଳ ହୋଇଥାନ୍ତି ?



### ବିପଦକାରକ ସମୂହ

ବାର୍ଦ୍ଧକ୍ୟ ଅବସ୍ଥାରେ ଥିବା ଲୋକମାନେ ସଂକ୍ରମଣ ପାଇଁ ଅଧିକ ସମ୍ବେଦନଶୀଳ ଏବଂ ଯୁବ ଜନସଂଖ୍ୟା ତୁଳନାରେ ଯକ୍ଷ୍ମାର ଚିକିତ୍ସା ପ୍ରତି ସେମାନଙ୍କର ପ୍ରତିକ୍ରିୟା କମ୍ ହୋଇଥାଏ ।



### ନିଦାନ ଏବଂ ଚିକିତ୍ସା ଆରମ୍ଭ କରିବାରେ ବିଳମ୍ବ

ଓଜନ କମିଯିବା, ଲଗାତାର କାଶ ହେବା, ଥକ୍କାପଣ ଏବଂ ଭୋକ କମିଯିବା ଭଳି ଯକ୍ଷ୍ମାର ଲକ୍ଷଣ ଗୁଡ଼ିକ କୌଣସି ଅନ୍ୟ ରୋଗ ଭାବରେ ଧରାଯାଇଥାଏ କିମ୍ବା ବୃଦ୍ଧାବସ୍ଥାର ଲକ୍ଷଣ ଭାବରେ ଅଣଦେଖା କରି ଦିଆଯାଇଥାଏ ।



### ଚିକିତ୍ସା ସମାପ୍ତି ଏବଂ ପରିଣାମ

ପ୍ରତିକୂଳ ଔଷଧ ପ୍ରତିକ୍ରିୟା (ଏ.ଡି.ଆର୍) ଯକ୍ଷ୍ମାରେ ପୀଡ଼ିତ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ କ୍ଷେତ୍ରରେ ସାଧାରଣ ଏବଂ ଭୟଙ୍କର ହୋଇଥାଏ, ଯେଉଁମାନେ ଅନେକ ପ୍ରକାର ଅସୁସ୍ଥତା କାରଣରୁ ଅଧିକ ବଟିକା ସେବନ କରିଥାନ୍ତି । ଏହାର ଅର୍ଥ ସେମାନଙ୍କର ଯକ୍ଷ୍ମାର ଚିକିତ୍ସା ସଫଳତା ପୂର୍ବକ ସମାପ୍ତ କରିବାର ସମ୍ଭାବନା କମ୍ ଥାଏ ।



### ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଲିଙ୍ଗଗତ ପ୍ରଭେଦତା ଓ ଯକ୍ଷ୍ମାର ପ୍ରାଦୁର୍ଭାବ

ସାମ୍ପ୍ରତିକ ତଥ୍ୟକୁ ଭିତ୍ତିକରି ବାର୍ଦ୍ଧକ୍ୟ ମହିଳା ମାନଙ୍କ ତୁଳନାରେ ବାର୍ଦ୍ଧକ୍ୟ ପୁରୁଷମାନଙ୍କ ଠାରେ ଯକ୍ଷ୍ମା ରୋଗ ଅଧିକ ଦେଖାଯାଇଥାଏ । ତଥାପି, ଲିଙ୍ଗଗତ ମାନଦଣ୍ଡ ଏବଂ ଭେଦଭାବ ବାର୍ଦ୍ଧକ୍ୟ ମହିଳାମାନଙ୍କୁ ଅଧିକ ପ୍ରତିକୂଳ ପ୍ରଭାବ ପକାଇପାରେ ।



## ଯକ୍ଷ୍ମାରେ ପୀଡ଼ିତ ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତି ବିଶେଷଙ୍କ ପାଇଁ ଆପତ୍ତି

### ଶାରୀରିକ ଦୁର୍ବଳତା ସମୂହ

**ନମୂନା ସଂଗ୍ରହ ପାଇଁ ଏକାଧିକ ସୁବିଧା ଉପଲବ୍ଧ କରିବା:** ଯକ୍ଷ୍ମାର ଲକ୍ଷଣ ଥିବା ବାର୍ଦ୍ଧକ୍ୟ ବ୍ୟକ୍ତି ମାନଙ୍କ ପାଇଁ ନିରାକରଣ ସୁବିଧା ସବୁକୁ ଉପ ଲବ୍ଧ କରିବା ଅଧିକ ଆହ୍ୱାନପୂର୍ଣ୍ଣ ଅଟେ କାରଣ ସେମାନେ ନମୁନା ସଂଗ୍ରହ ପାଇଁ ଏକାଧିକ ସୁବିଧାର ଉପଲବ୍ଧ କରିବା ଆବଶ୍ୟକ କରନ୍ତି ।

**ସାଥୀମାନେ ଏବଂ ପରିବହନର ବିଶେଷ ସାଧନଗୁଡ଼ିକର ଆବଶ୍ୟକତା:** ଅନେକ ବୃଦ୍ଧ ବୃଦ୍ଧା ବ୍ୟକ୍ତି ପଡ଼ିଯିବା କିମ୍ବା ସାଧାରଣ ଶାରୀରିକ ଦୁର୍ବଳତାର ଭୟ ଯୋଗୁଁ କୌଣସି ସହାୟକ  ବ୍ୟକ୍ତିଙ୍କ ବିନା ସ୍ୱାସ୍ଥ୍ୟଗତ ସୁବିଧା ଗୁଡ଼ିକୁ ଉପଲବ୍ଧ କରିବାରେ ଅସମର୍ଥ ହୋଇଥାନ୍ତି, ଯାହା ଦ୍ୱାରା ନିରାକରଣରେ ବିଳମ୍ବ ହୋଇଥାଏ ।

**ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକ ଉପଲବ୍ଧ ହେବାରେ ଜଟିଳତା:** ଅନେକ ସ୍ୱାସ୍ଥ୍ୟ ସେବାରେ ଉପଲବ୍ଧ ସମସ୍ୟା ସମୂହ (ଏକାଧିକ ସିଡ଼ି, ବସିବା ପାଇଁ ସୀମିତ ବ୍ୟବସ୍ଥା ସହିତ ସଂକୀର୍ଣ୍ଣ ଅପେକ୍ଷା କରିବାର ସ୍ଥାନ ଏବଂ ଅସ୍ପଷ୍ଟ ସାଇନ୍ ବୋର୍ଡ) ଯକ୍ଷ୍ମାରେ ପୀଡ଼ିତ ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନଙ୍କ ପାଇଁ ଆପତ୍ତି ପୂର୍ଣ୍ଣ ହୋଇଥାଏ ।

**କାମ ଏବଂ ମଜୁରୀ ହରାଇବା:** ଶାରୀରିକ ଦୁର୍ବଳତା କାରଣରୁ କାମ କରିବାରେ ଅସମର୍ଥତା ହୋଇପାରେ, ଯାହାର ପରିଣାମ ସ୍ୱରୂପ ଆର୍ଥିକ କ୍ଷତି ହୋଇପାରେ କିମ୍ବା ମାନସିକ ସ୍ୱାସ୍ଥ୍ୟ ପରିଣାମ ଭଳି ଆୟର ଉତ୍ସ ହରାଇବା, ସାମାଜିକ ସଂଯୋଗ, ଉଦ୍ଦେଶ୍ୟଗତ ଭାବନା ଏବଂ ନିଜର ଯତ୍ନ ନେବା ପାଇଁ ପ୍ରେରଣା ଇତ୍ୟାଦି ଉପରେ ପ୍ରଭାବ ପକାଇପାରେ ।

### ସାମାଜିକ ଆର୍ଥିକ ଦୁର୍ବଳତା:

**ଆର୍ଥିକ ସ୍ୱାଧୀନତା ହରାଇବା:** ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନଙ୍କର ଆର୍ଥିକ ରୂପେ ପରିବାରର ସଦସ୍ୟ ମାନଙ୍କ ଉପରେ ନିର୍ଭର କରିବାର ବହୁତ ଅଧିକ ସମ୍ଭାବନା ରହିଥାଏ, ଯାହା ସେମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ସମ୍ବନ୍ଧୀୟ ବ୍ୟବହାର ଉପରେ ବହୁତ ପ୍ରଭାବ ପକାଇଥାଏ ।

**ପୋଷଣ ସମ୍ବନ୍ଧୀୟ ଆହ୍ୱାନ:** ଯକ୍ଷ୍ମାରେ ପୀଡ଼ିତ ଲୋକମାନଙ୍କୁ ପୋଷଣ ସମ୍ବନ୍ଧୀୟ ସହାୟତାର ଆବଶ୍ୟକ ହୋଇଥାଏ କାରଣ ଏହା ଉପଯୁକ୍ତ ଚିକିତ୍ସାର ଅଭାବ ଏବଂ ଏହାର ପରିଣାମ ପାଇଁ ଏକ ପ୍ରମୁଖ ଯୋଗଦାନକାରୀ ହୋଇଥାଏ । ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନେ ପୁଷ୍ଟିକର ଆହ୍ୱାନର ସମ୍ମୁଖୀନ ହେବାର ସମ୍ଭାବନା ଅଧିକ । ଯକ୍ଷ୍ମା ରୋଗରେ ଆକ୍ରାନ୍ତ ବୃଦ୍ଧାମାନଙ୍କ ସ୍ଥିତି ବୃଦ୍ଧାମାନଙ୍କ ତୁଳନାରେ ଅଧିକ ଖରାପ ହେବାର ସମ୍ଭାବନା ଥାଏ ।

**ଆର୍ଥିକ ସହାୟତା ଯୋଜନା ସହିତ ସଠିକ୍ ଭାବରେ ଯୋଡ଼ି ନହେବା:** ଯକ୍ଷ୍ମାରେ ପୀଡ଼ିତ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ସେହି ସବୁ ଯୋଜନାଗୁଡ଼ିକୁ ଉପଲବ୍ଧ କରିବାରେ କଷ୍ଟକର ହୋଇଥାଏ ଯାହା ଦ୍ୱାରା ସେମାନେ ଲାଭ ପାଇପାରିବେ । ଏହା ସହିତ କେନ୍ଦ୍ର ସରକାର ଅଧିନରେ ଥିବା ବୟୋଜ୍ୟେଷ୍ଠ ପେନ୍ସନ୍ ଯୋଜନାରେ, ରାଜ୍ୟ ଗୁଡ଼ିକରେ ପେନ୍ସନ୍ ଯୋଜନା ପାଇଁ ବ୍ୟବସ୍ଥା ରହିଛି ।

### ମନସ୍ତାତ୍ତ୍ୱିକ ଏବଂ ସାମାଜିକ କାରକ ସମୂହ

**ଆର୍ଥିକ ନିର୍ଭରତା:** ଆର୍ଥିକ ନିର୍ଭରତା କାରଣରୁ ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନେ ପ୍ରାୟତଃ ନିଜର ପରିବାର ଠାରୁ ଅବହେଳା ଏବଂ ବିଚ୍ଛିନ୍ନତା ଅନୁଭବ କରନ୍ତି, ଯାହାଦ୍ୱାରା ଯତ୍ନ ନେବାରେ ଅଭାବ ଦେଖାଦେଇଥାଏ ।

**ଯକ୍ଷ୍ମା ବିଷୟରେ କମ୍ ସୂଚନା ପାଇବା:** ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନଙ୍କୁ ସଠିକ୍ ଭାବେ ସୂଚିତ ସାମାଜିକ ନେଟ୍‌ୱର୍କ, ଇଣ୍ଟରନେଟ୍‌ର ଉପଲବ୍ଧତା କିମ୍ବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଅନ୍‌ଲାଇନ୍‌ରେ ପାଇବା ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବାର ସୁବିଧା ହେବାର ସମ୍ଭାବନା କମ୍ ଥାଏ ।

**ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସମୂହ:** ପରିବାରରେ କିମ୍ବା ଗୋଷ୍ଠୀରେ ଉପଯୋଗୀ କିମ୍ବା ଅପ୍ରାସଙ୍ଗିକ ନ ହେବାର ଚିନ୍ତା, ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ସହିତ ସଂଯୋଗ ହରାଇବା, ଏକାକୀ ରହିବା, ନିର୍ଭରଶୀଳତା, ଜ୍ଞାନଗତ ହ୍ରାସ, ଯକ୍ଷ୍ମା ଭୟ ଏବଂ ଆତ୍ମ-କଳଙ୍କ ର ଏକ ଭାବନା, ତମାଖୁ , ମଦ୍ୟପାନ ଏବଂ ଅନ୍ୟାନ୍ୟ ପଦାର୍ଥ (ମୁଖ୍ୟତଃ ପୁରୁଷମାନଙ୍କ ପାଇଁ ପ୍ରଯୁଜ୍ୟ) ର ବ୍ୟବହାରରେ ବୃଦ୍ଧି ଇତ୍ୟାଦି ବୃଦ୍ଧ ବୃଦ୍ଧା ମାନେ ସମ୍ମୁଖୀନ ହେଉଥିବା କେତେକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଅଟେ ।

**ଲକ୍ଷଣଗୁଡ଼ିକର ପ୍ରତିଫଳନ**

**ବୃଦ୍ଧ ବ୍ୟକ୍ତିଙ୍କ ମଧ୍ୟରେ ଯକ୍ଷ୍ମାର ଲକ୍ଷଣଗୁଡ଼ିକୁ ଅଣଦେଖା କରିବାର ସମ୍ଭାବନା ଅଧିକ ରହିଥାଏ ।**

## ବର୍ଦ୍ଧିତ ଜ୍ଞାନ ଏବଂ ଉନ୍ନତ ମାନର ଯତ୍ନ ବିତରଣ କରିବା ପାଇଁ ପ୍ରମୁଖ ସୁପାରିଶ ସମୂହ



### ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କ ମଧ୍ୟରେ ବ୍ୟବସ୍ଥିତ ନିର୍ଦ୍ଦିଷ୍ଟ ସ୍କ୍ରିନିଂ ଏବଂ ସକ୍ରିୟ ମାମଲା ବିଷୟରେ ଜାଣିବା ସମ୍ବନ୍ଧରେ

- ସୁବିଧା ଏବଂ ଗୋଷ୍ଠୀ-ଭିତ୍ତିକ ସ୍କ୍ରିନିଂ ପାଇଁ ମାନକ ସଂଚାଳନ ପ୍ରକ୍ରିୟା (ଏସ୍.ଓ.ପି.) ବିକାଶ କରିବା
- ଗୋଷ୍ଠୀ-ଭିତ୍ତିକ ସେଟିଂରେ ବୃଦ୍ଧ ବୃଦ୍ଧା ଲୋକମାନଙ୍କର ସ୍କ୍ରିନ୍ରିଂ ଏବଂ ମନିଟରିଂ କରିବା
- ନିର୍ଦ୍ଦିଷ୍ଟ ସ୍କ୍ରିନିଂର ଫଳାଫଳକୁ ଏକତ୍ର କରିବା ଏବଂ ତୁଳନା କରିବା ପାଇଁ ଡ୍ୟାସବୋର୍ଡ଼ ଗୁଡ଼ିକର ବିକାଶ କରିବା ।



### ବୃଦ୍ଧ ବୃଦ୍ଧା ମାନଙ୍କର ନିଦାନ ଏବଂ ଚିକିତ୍ସା ପାଇଁ ନିର୍ଦ୍ଦେଶାବଳୀରେ ସମ୍ଭାବ୍ୟ ଅନ୍ତର୍ଭୁକ୍ତିକରଣ ସମ୍ବନ୍ଧରେ

- ଅସାମାନ୍ୟ ସଂକେତ ଏବଂ ଲକ୍ଷଣ ଗୁଡ଼ିକ ପାଇଁ ନିରାକରଣ ପ୍ରୋଟୋକଲ୍ (ଯେପରିକି ନମୂନା ନିଷ୍କାସନ ପ୍ରୋଟୋକଲ)
- ସହ-ରୁଗ୍ଣତା ର ବ୍ୟାପକ ମୂଲ୍ୟାଙ୍କନ ଏବଂ ଔଷଧର ମାତ୍ରା ସଂଶୋଧନ ପାଇଁ ନିର୍ଦ୍ଦେଶାବଳୀ
- ରୋଗର ବିପଦ ଏବଂ ପ୍ରତିକୂଳ ପରିଣାମର ପୂର୍ବାନୁମାନ କରିବାକୁ ବିପଦ ମୂଲ୍ୟାଙ୍କନ ଆଧାରିତ ସ୍କୋରିଂ ସିଷ୍ଟମ୍



### ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍.ଏଚ୍.ଏମ୍.) ଏବଂ ଜାତୀୟ ଅଣସଂକ୍ରାମକ ରୋଗ (ଏନ୍.ସି.ଡି.) କାର୍ଯ୍ୟକ୍ରମ ମଧ୍ୟରେ ସହଯୋଗ ସମ୍ବନ୍ଧରେ

- ମଧୁମେହ ରୋଗ ଏବଂ ଯକ୍ଷ୍ମା ପାଇଁ ସ୍କ୍ରିନିଂ ପ୍ରୋଟୋକଲ୍ ଗୁଡ଼ିକର ପାଳନ କରିବା ।
- ବୃଦ୍ଧି ଜନସଂଖ୍ୟା ମଧ୍ୟରେ ବୃହତ୍ ଆକାରର ଯକ୍ଷ୍ମା ଏବଂ ହୃଦୟ ସ୍ୱାସ୍ଥ୍ୟର ସ୍କ୍ରିନିଂ ପାଇଁ ପ୍ରୋଟୋକଲ୍ ଗୁଡ଼ିକର ବିକାଶ ଏବଂ କାର୍ଯ୍ୟକାରୀ କରିବା ।
- ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କର ସହ-ରୁଗ୍ଣତା ତଥ୍ୟର ରେକର୍ଡ କରିବା ଏବଂ ରିପୋର୍ଟ କରିବା ପାଇଁ ନି-କ୍ଷୟର ବ୍ୟବହାର କରିବା ।
- ସବୁ ଲୋକମାନଙ୍କର ଯକ୍ଷ୍ମାର ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର (ଏଚ୍.ଡବ୍ଲ୍ୟୁ.ସି) ଗୁଡ଼ିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସି.ଏଚ୍.ଓ) ମାନଙ୍କୁ ପ୍ରଶିକ୍ଷଣ ଦେବା ।

## ମୁଖ୍ୟ ସୁପାରିଶ ସମୂହ

### ବୃଦ୍ଧ ଓ ବୃଦ୍ଧା ମାନଙ୍କର ଯତ୍ନ ପାଇଁ ଜାତୀୟ କାର୍ଯ୍ୟକ୍ରମ (ଏନ୍.ପି.ଏଚ୍.ସି.ଇ) ର ସହଯୋଗ ପାଇଁ ।

- ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର (ଏଚ୍.ଡବ୍ଲ୍ୟୁ.ସି), ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପି.ଏଚ୍.ସି) ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସି.ଏଚ୍.ସି)ରେ ଏନ୍.ପି.ଏଚ୍.ସି.ଇ. ନୀତିର କାର୍ଯ୍ୟାନ୍ୱୟନ ।
- ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତି ବିଶେଷ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ଯତ୍ନ ନେବାର ମଡେଲ ଉପରେ ପ୍ରୋଟୋକଲ୍ ର ସହ-ନିର୍ମାଣ କରିବା ।

### ବର୍ଦ୍ଧିତ ସାମାଜିକ ସମର୍ଥନ ନିମନ୍ତେ

- ପେନ୍ସନ୍ ଯୋଜନାରେ ନାମଲେଖା, ପରିବହନ ଭତ୍ତା (କିମ୍ବା ମାଗଣା ପରିବହନ ପାସ୍), ପରିପୂରକ ପୁଷ୍ଟିକର ସହାୟତା, ନି-କ୍ଷୟ ମିତ୍ରଙ୍କ ପାଇଁ ବୟୋଜ୍ୟେଷ୍ଠ ମାନଭ୍‌କୁ ପ୍ରାଥମିକତା ଦେବା ସହିତ ଯକ୍ଷ୍ମା ରୋଗୀଙ୍କୁ ସହାୟତା କରିବା ।
- ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖାଯାଇଥିବା କଲ୍ୟାଣ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ପ୍ରୋଟୋକଲ୍ ବିକାଶ କରିବା ।
- ଧନ୍ଦାମୂଳକ ତାଲିମ୍ ଏବଂ / କିମ୍ବା ଗୃହ-ଭିତ୍ତିକ ସ୍ଥାନୀୟ ଶିଳ୍ପ ସହ ସଂଯୋଗ ।

### ବାର୍ଦ୍ଧକ୍ୟ ଅବସ୍ଥାରେ ଥିବା ଲୋକମାନଙ୍କ ମଧ୍ୟରେ ଯକ୍ଷ୍ମା ଉପରେ ଗବେଷଣା ନିମନ୍ତେ

- ବୃଦ୍ଧ ବୃଦ୍ଧା ମାନଙ୍କର ଅଧିକ ସଂଖ୍ୟା ଥିବା କ୍ଷେତ୍ରଗୁଡ଼ିକର ଦୁର୍ବଳତା ମ୍ୟାପିଙ୍ଗ୍ କରିବା ।
- ରାଜ୍ୟ ସ୍ତରରେ ରୋଗ ଭାର ଉପରେ ସ୍ୱଷ୍ଟତା ଆଣିବା ।
- ବୃଦ୍ଧ ବୃଦ୍ଧା ଯକ୍ଷ୍ମା ଗୋଷ୍ଠୀ ମଧ୍ୟରେ ପ୍ରତିକୂଳ ଫଳାଫଳ ଗୁଡ଼ିକର ପୂର୍ବାନୁମାନ, ମାଦକ ଦ୍ରବ୍ୟର ବ୍ୟବହାରର ବ୍ୟପକତା, ଚିକିତ୍ସା ଉପରେ ଲିଙ୍ଗଗତ ପ୍ରଭାବ ଏବଂ ଯକ୍ଷ୍ମାରେ ପୀଡ଼ିତ ବୃଦ୍ଧବୃଦ୍ଧା ଲୋକମାନଙ୍କ ମଧ୍ୟରେ ଚିକିତ୍ସା ସମ୍ପୂର୍ଣ୍ଣ ହେବାର ହାର ଉପରେ ଧ୍ୟାନ କେନ୍ଦ୍ରିତ କରିବା ।

## ଯକ୍ଷ୍ମାରେ ପୀଡ଼ିତ ବୃଦ୍ଧବୃଦ୍ଧା ଲୋକମାନଙ୍କୁ କିପରି ସହାୟତା କରାଯାଇପାରିବ ?

ଗୋଷ୍ଠୀ ଏବଂ ଅନୁଷ୍ଠାନ ଭିତ୍ତିକ ସେଟିଂ ଯେପରିକି ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର (ଏଚ୍.ଡବ୍ଲ୍ୟୁ.ସି), ବୃଦ୍ଧାଶ୍ରମ ଇତ୍ୟାଦିରେ ଏକ ଦୃଢ଼ ମନିଟରିଂ ବ୍ୟବସ୍ଥା ।

ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତି ମାନଙ୍କର ସ୍କ୍ରିନିଂ ସୁନିଶ୍ଚିତ କରି ଔଷଧର ଉପଲବ୍ଧତାକୁ ସହଜ କରି ଗୃହକୁ ଔଷଧ ବିତରଣ କରିବା ମାଧ୍ୟମରେ

ନିୟମିତ ଗୃହ ପରିଦର୍ଶନ ମାଧ୍ୟମରେ ଯକ୍ଷ୍ମାରେ ପୀଡ଼ିତ ବୃଦ୍ଧ ବୃଦ୍ଧା ଲୋକମାନଙ୍କୁ ମାନସିକ ଏବଂ ଭାବଗତ ସହାୟତା ପ୍ରଦାନ କରି

ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର (ଏଚ୍.ଡବ୍ଲ୍ୟୁ.ସି) ଗୁଡ଼ିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର (ଏଚ୍.ଡବ୍ଲ୍ୟୁ.ସି)କୁ ଆସୁଥିବା ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କର ଯକ୍ଷ୍ମାର ସ୍କ୍ରିନିଂ ଏବଂ ନମୂନା ସଂଗ୍ରହ କିପରି କରିବେ, ସେ ଉପରେ ତାଲିମ ସୁନିଶ୍ଚିତ କରି

ନି-କ୍ଷୟ ପ୍ଲାଟଫର୍ମରେ ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନଙ୍କର ସହ-ରୁଗ୍ଣତା ସମ୍ବନ୍ଧୀୟ ତଥ୍ୟକୁ ବ୍ୟବସ୍ଥିତ ଭାବରେ ରେକର୍ଡିଂ ଏବଂ ରିପୋର୍ଟ କରି

ଯକ୍ଷ୍ମା ଥିବା ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନଙ୍କୁ ପେନ୍ସନ୍ ଯୋଜନାରେ ନାମ ଲେଖାଇ, ପରିବହନ ଭତ୍ତା (କିମ୍ବା ମାଗଣା ପରିବହନ ପାସ୍) ଏବଂ ଅତିରିକ୍ତ ପୋଷଣ ସହାୟତା ପ୍ରଦାନ କରି ଏବଂ ଅନ୍ୟମାନଙ୍କ ମଧ୍ୟରୁ ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନଙ୍କୁ ନି-କ୍ଷୟ ମିତ୍ର ପାଇଁ ପ୍ରାଥମିକା ଦେଇ

ବୃତ୍ତିଗତ ତାଲିମ ଏବଂ / କିମ୍ବା ଗୃହଭିତ୍ତିକ ସ୍ଥାନୀୟ ଶିଳ୍ପ ସହିତ ଯକ୍ଷ୍ମା ରୋଗୀଙ୍କ ପାଇଁ ସମ୍ବନ୍ଧ କରିବା ।

ସ୍ୱାସ୍ଥ୍ୟଗତ ସୁବିଧା ଏବଂ ଗୋଷ୍ଠୀ ସ୍ତରରେ ଏହି ସହାୟକ କାର୍ଯ୍ୟ, ବହୁ ପରିମାଣରେ ଯକ୍ଷ୍ମାରେ ପୀଡ଼ିତ ବୃଦ୍ଧବୃଦ୍ଧା ଲୋକମାନଙ୍କ ସମ୍ମୁଖକକୁ ଆସୁଥିବା ଆପତ୍ତି ଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିବ । ସେସବୁ ଏପରି ଏକ ପରିବେଶ ସୃଷ୍ଟି କରିବେ ଏବଂ ଅନ୍ତତଃ ଏକ ଯକ୍ଷ୍ମା କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟଗତ ବ୍ୟବସ୍ଥା ସୃଷ୍ଟି କରିବେ ଯାହା ବୟସ ସମ୍ବେଦନଶୀଳ ଏବଂ ବାର୍ଦ୍ଧକ୍ୟ ଜନସଂଖ୍ୟାର ଆବଶ୍ୟକତାକୁ ପ୍ରାଥମିକତା ଦେବ ।


REACH
Equitable Health for All

**Resource Group for Education and Advocacy for Community Health (REACH)**
No. 194, 1st Floor, Avvai Shanmugam Salai Lane,
Lloyds Road, Royapettah, Chennai – 600014
Phone: 044-45565445 / 28132099

**Email**: support@reachindia.org.in
**Media Related Queries**: media@reachindia.org.in

www.reachindia.org.in @Speaktb @SPEAKTB @REACHSpeakTB



All photographs in this report that feature TB Champions and/or people with TB are used with full, informed consent.



*This document is made possible by the generous support of the American People through the United States Agency for International Development (USAID). The contents are the sole responsibility of REACH and do not necessarily reflect the views of USAID or the United States Government.*